ଶନିବାର,୨୪ ଫେବୃଆରୀ, ୨୦୨୪

# ପିଲାଙ୍କ ଧରିତ୍ରୀ





# ଖିଲି ଖିଲି ହସ

ଜଣେ ବ୍ୟକ୍ତି ବସ୍ ଭିତରକୁ ଚଢ଼ିଲେ। ହେଲେ ବସିବା ପାଇଁ ସିଟ୍ ନ ଥିଲା। ସେ ବସ୍‌ରେ ଛିଡ଼ା ହୋଇଥିବା ବେଳେ ଫୋନକୁ ଏକ କଲ୍ ଆସିଲା। ସେ ବଡ ପାଟିରେ କହିଲେ- ତୁ ହାତ କାଟି ରଖ,ମୁଁ ଯାଇ ବେକ କଥା ଦେଖିଦେବି, ଏହା ଶୁଣିଲା ପରେ ବସ୍‌ରେ ଥିବା କିଛି ଲୋକ ଠିଆ ହୋଇଗଲେ। ଏହା ଦେଖି ସେ ନମ୍ର ଭାବେ କହିଲେ-ମୁଁ ପେସାରେ ଜଣେ ଦରଜି, ସେଥିପାଇଁ ମୋ ସହଯୋଗୀଙ୍କ ସହ କାମ ବିଷୟରେ କଥା ହେଉଥିଲି।

ବ୍ୟକ୍ତି: ଆମ ଘର କଲିଂ ବେଲ୍ ଠିକ୍ କରିବାକୁ ମୁଁ ତୁମକୁ ଫୋନ୍ କରିଥିଲି, ହେଲେ ତୁମେ ଆସିଲନି ?
ମେକାନିକ୍: ଆଜ୍ଞା,ମୁଁ ଆପଣଙ୍କ ଘର ସାମ୍ନାରେ ଅଧା ଘଣ୍ଟା କଲିଂ ବେଲ୍ ମାରିଲି ହେଲେ କେହି କବାଟ ଖୋଲିଲେ ନାହିଁ, ସେଥିପାଇଁ ମୁଁ ଫେରି ଆସିଲି।

ଟ୍ରାଫିକ୍ ପୋଲିସ ରାସ୍ତାରେ ଯିବା ସମୟରେ ଜଣେ ବ୍ୟକ୍ତିଙ୍କୁ ଅଟକାଇ ସବୁ କାଗଜପତ୍ର ଦେଖାଇବାକୁ ମାଗିଲେ। ବ୍ୟକ୍ତି ଜଣକ ସବୁ କାଗଜପତ୍ର ଦେଖାଇଲେ ସୁଦ୍ଧା ବି ତାଙ୍କର ଚାଲାଣ କଟିଲା।
ବ୍ୟକ୍ତି: ସାର୍ ମୋର ସବୁ କାଗଜପତ୍ର ତ ଠିକ୍ ଅଛି ତଥାପି ଚାଲାଣ କାହିଁକି କାଟିଲେ ?
ପୋଲିସ: କାରଣ ତୁମେ ସବୁ ଡକ୍ୟୁମେଣ୍ଟ ପଲିଥିନ୍‌ରେ ରଖିଛ ଯାହା ସମ୍ପୂର୍ଣ୍ଣରୂପେ ବ୍ୟାନ୍।



# ଗଜରାଜର ଗର୍ବ ଭାଙ୍ଗିଲା

ଗପ

ହାତୀ ଖୁବ୍ ବଳଶାଳୀ ବୋଲି ତା' ମନରେ ବହୁତ ଗର୍ବ ଥାଏ। ସବୁ ପଶୁ ପକ୍ଷୀ ତା' ଭୟରେ ଲୁଚି ଯାଉଥାନ୍ତି। ଦିନେ ବିଚରା ହରିଣଟି ଜଙ୍ଗଲ ସାରା ଘୁରି ଘୁରି ଆସି ସିଂହ ଗୁମ୍ଫାରେ ପହଞ୍ଚିଲା। ସିଂହ ସେତେବେଳେ ଶୋଇଥାଏ। ହଠାତ୍ ତା'ର ନିଦ ଭାଙ୍ଗିଯିବାରୁ ସେ ହରିଣକୁ ଦେଖି ଆଶ୍ଚର୍ଯ୍ୟ ହେଲା। ସମସ୍ତେ ସିଂହକୁ ବଣର ରାଜା ବୋଲି ମାନନ୍ତି ଓ ସମ୍ମାନ କରନ୍ତି। ସିଂହ ହରିଣକୁ ଦେଖି ପଚାରିଲା କଥା କ'ଣ ! ଏତେ ଡରୁଛ କାହିଁକି! ହରିଣ କହିଲା, ମହାଭାଗ, ଏ ଜଙ୍ଗଲରେ ଗୋଟିଏ ହାତୀ ସମସ୍ତଙ୍କୁ ଡରାଉଛି। ସବୁ ପ୍ରାଣୀ ତା' ଭୟରେ ଅତିଷ୍ଠ ହେଲେଣି। ତା'ର କିଛି ବ୍ୟବସ୍ଥା କରନ୍ତୁ। ସିଂହ କହିଲା, ଠିକ୍ ଅଛି; ମୁଁ ହାତୀକି କହିବି। ହରିଣଟି ନିଃଶ୍ୱାସ ମାରି ତା' ବସାକୁ ଫେରି ଆସିଲା। ତା' ପରଦିନ ସିଂହ ହାତୀ ପାଖକୁ ଗଲା। ସାଥିରେ ବିଲୁଆ, ଭାଲୁ, ମହାବଳ, ହନୁ, ଗଧ ଓ କଜଳପାତି ଥାଆନ୍ତି। ସିଂହ ହାତୀକୁ ବୁଝାଇଲା, ହେ ଗଜରାଜ, ତୁମେ ଅଯଥା ନିରୀହ ପକ୍ଷୀଙ୍କ ବସା ଭାଙ୍ଗୁଛ। ଅନ୍ୟାୟ, ଅନୀତି କରୁଛ। ମାତ୍ର ହାତୀ, ସିଂହ କଥା ନ ଶୁଣିଲା ଭଳି ଚୁପ୍ ରହିଲା। କଜଳପାତି କହିଲା, ଆଜ୍ଞା ଆମେ ବିଚରା ପକ୍ଷୀମାନେ ଡାଳରେ ବସା ବାନ୍ଧି ରହୁଛୁ, ଆପଣ ଆମେ ରହୁଥିବା ଡାଳକୁ ଭାଙ୍ଗି ଦେଉଛନ୍ତି। ତେଣୁ ଆମେ ବାସହରା ହୋଇ ଯାଉଛୁ। ଆମ୍ଭକୁ ରକ୍ଷା କରନ୍ତୁ। ହାତୀ କହିଲା, ତୁମ୍ଭେମାନେ ଏ ଜଙ୍ଗଲରେ ରହି ପାରିବନି। ଆମେ ବଳଶାଳୀ ଜୀବ, ତେଣୁ ଆମେ ଜଙ୍ଗଲରେ ରହିବୁ। ସିଂହ ବୁଝାଇଲା ଦେଖ ଗଜରାଜ, ଏ ଜଙ୍ଗଲ ସମସ୍ତଙ୍କର। ପ୍ରକୃତିର ବରଦାନ। ପ୍ରକୃତିକୁ ନଷ୍ଟ କଲେ ସଂସାର ନଷ୍ଟ ହୁଏ। ତେଣୁ ତୁମେ ଗର୍ବ ନ କରି ସମସ୍ତଙ୍କୁ ବଞ୍ଚିବାକୁ ଦିଅ। ମାତ୍ର ସିଂହର କଥା ହାତୀକୁ ପସନ୍ଦ ହେଲା ନାହିଁ। ଶେଷରେ ସମସ୍ତେ ନିରାଶ ହୋଇ ଫେରି ଆସିଲେ। ସମସ୍ତେ ଭଗବାନଙ୍କୁ ଡାକିଲେ।

ସିଂହ କହିଲା କେବଳ ଭଗବାନ ହିଁ ତା' ଗର୍ବ ଭାଙ୍ଗିବେ। ଦିନକର କଥା, ହାତୀଟି ଗଛ ଡାଳ ଭାଙ୍ଗୁ ଭାଙ୍ଗୁ ପିମ୍ପୁଡ଼ିମାନେ ରହୁଥିବା ଡାଳଟିକୁ ଭାଙ୍ଗି ଦେଲା। ସବୁ ପିମ୍ପୁଡ଼ି ତଳେ ଏଣେତେଣେ ପଡିଗଲେ। ଆଗରୁ ଅନେକ ଥର ହାତୀ ପିମ୍ପୁଡ଼ିମାନଙ୍କ ବସା ଭାଙ୍ଗିଥିଲା। ତେଣୁ ପିମ୍ପୁଡ଼ିମାନେ ହାତୀକୁ ପାନେ ଦେବାପାଇଁ ନିଷ୍ପତ୍ତି ନେଲେ। କେତେକ ପିମ୍ପୁଡ଼ି ଯାଇ ହାତୀର କାନକୁ କାମୁଡି ଦେଲେ ତ ଆଉ କେତେକ ତା' ଶୁଣ୍ଢ ନାକ ଭିତରେ ପଶି କାମୁଡ଼ି ଦେଲେ। ହାତୀଟି ଯନ୍ତ୍ରଣା ପାଇ ଛାଟିପିଟି ହେଲା। ରାଗରେ କହିଲା, କିଏ ତୁମେ? ମୋତେ ହଇରାଣ କରୁଛ। ରାଗରେ ପିମ୍ପୁଡ଼ିମାନେ ତା' କାନ, ଆଖି, ନାକକୁ କାମୁଡ଼ି ଚାଲିଲେ। ଆଉ ଯନ୍ତ୍ରଣା ସହ୍ୟ କରି ନ ପାରି ହାତୀଟି ଜଙ୍ଗଲରେ ଚିତ୍କାର କରି ଦୌଡ଼ି ଦୌଡ଼ି ନଦୀ ଭିତରକୁ ପଶିଗଲା। ପାଣି ଭିତରେ ପଶି ଯାଇ ନିଜ ଶରୀରକୁ ଧୋଇବାର ଅନେକ ସମୟ ପରେ ଉପଶମ ପାଇଲା। ହେଲେ ସେ ଶିକ୍ଷା ପାଇଗଲା, ଆଉ କାହାରିକୁ ଏମିତି ହଇରାଣ କରିବ ନାହିଁ। ସେହିଦିନଠାରୁ ସେ ଜଙ୍ଗଲ ଛାଡ଼ି ଅନ୍ୟତ୍ର ପଳେଇଗଲା। ସବୁ ପଶୁପକ୍ଷୀ ଖୁସିରେ ନାଚି ଉଠିଲେ। ସମସ୍ତେ କହିଲେ, ହାତୀ ତା' କର୍ମର ଫଳ ପାଇଲା।

**– ସୁବ୍ରତ ଦାସ**
ରାଜେନ୍ଦ୍ରପୁର, ବାରିକପୁର ବଜାର, ଭଦ୍ରକ
ମୋ: ୯୪୩୭୭୩୧୯୦୩

# ମତାମତ

▸▸ 'ଜିଦ୍' ବିଷୟଟି ଶିକ୍ଷଣୀୟ ହୋଇଛି।

**–ଅମନ କୁମାର ସାହୁ, ବଲାଙ୍ଗୀର**

▸▸ ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ପଢ଼ି ଭଲ ଲାଗିଲା।

**–ସୁଜିତ ନାୟକ, କେନ୍ଦ୍ରାପଡ଼ା**

▸▸ 'ପିଲାଙ୍କ ଧରିତ୍ରୀ'ରେ ପ୍ରକାଶ ପାଉଥିବା ସମସ୍ତ ବିଷୟଗୁଡ଼ିକ ଭଲ ଲାଗୁଛି ଏବଂ ସେଥିରୁ ଅନେକ କଥା ଶିଖିହେଉଛି।

**–ପୁନମ୍ ରାଉତ, କଟକ**

▸▸ ଏଥର 'ଆଇନା' ପୃଷ୍ଠାରେ ପ୍ରକାଶିତ ଫଟୋ ଦ୍ୱୟ ସୁନ୍ଦର ହୋଇଛି।

**–ଅନୀତା ବିଶ୍ୱାଳ, ରାଉରକେଲା**

▸▸ 'ଜଣା ଅଜଣା' ପୃଷ୍ଠାରେ ପ୍ରକାଶ ପାଉଥିବା ବିଷୟରୁ ନୂଆ ନୂଆ କଥା ଜାଣିବାକୁ ମିଳୁଛି।

**–ତପସ୍ୱିନୀ ସାହୁ, ବଲାଙ୍ଗୀର**

## ଗତ ଥରର ରଙ୍ଗ ଦିଅ





ସାଇସିଦ୍ଧି କିଶନ
କ୍ଲାସ-୧,
ଗୋଳବନ୍ଧ,
ତେଲକୋଇ,
କେନ୍ଦୁଝର

# ପଥର ନୁହେଁ, ମାଛ

**ପୃଥିବୀର ସବୁଠୁ ବିଷାକ୍ତ ମାଛ ହେଲା ଷ୍ଟୋନ୍ ଫିଶ୍। ଏହା ଦେଖିବାକୁ ଖଣ୍ଡେ ଅପରିଷ୍କାର ପଥର ଭଳି ହେଲେ ଏହି ମାଛ ଏତେ ବିଷାକ୍ତ ଯେ, ଏହାକୁ ଖାଇବା ତ ଦୂରର କଥା, ଏହାର ମାତ୍ର ଗୋଟିଏ ବୁନ୍ଦା ବିଷ ମଣିଷକୁ ମୃତ୍ୟୁମୁଖକୁ ଠେଲି ଦେଇପାରେ। ଜାଣନ୍ତୁ ଏହା ସମ୍ପର୍କରେ କିଛି କଥା...**

✪ ୩୦ରୁ ୪୦ ସେଣ୍ଟିମିଟର ଲମ୍ବା ବିଶିଷ୍ଟ ଏହି ମାଛ ଭାରତ ଏବଂ ପ୍ରଶାନ୍ତ ମହାସାଗରର କେତେକ ଭାଗରେ ଦେଖାଯାଇଥାଏ। ଏହି ମାଛ ଖୁବ୍ ବିଷାକ୍ତ। ଏହାର ପିଠି ଡେଣାରେ ଥିବା ୧୩ଟି କଣ୍ଟାରେ ରହିଛି ଏହି ବିଷ ବାହାରୁଥିବା ଥଳୀ।

✪ ଏହାର ରଙ୍ଗ ସାଧାରଣତଃ ପଥର ସହିତ ମିଶି ଯାଉଥିବାରୁ ସହଜରେ ଜଣାପଡ଼ି ନ ଥାଏ। ଏହି ମାଛ ପାଣି ବାହାରେ ମଧ୍ୟ ୨୪ ଘଣ୍ଟା ପର୍ଯ୍ୟନ୍ତ ଜୀବିତ ରହିପାରେ। ତେଣୁ ସମୁଦ୍ର କୂଳରେ ବୁଲିବା ସମୟରେ ପଥର କିମ୍ବା ଶୈବାଳ ଭାବି ଏହା ଉପରେ ଅନେକେ ପାଦ ରଖିଦିଅନ୍ତି ଏବଂ ଏହାର ଶିକାର ହୋଇଥା'ନ୍ତି। ପାଦ ପଡ଼ିବା ମାତ୍ରେ ଏହି ମାଛ ୦.୫ ସେକେଣ୍ଡ ବେଗରେ ବିଷ ଛାଡ଼ିଥାଏ। ଏହି ବିଷ ପାଦରେ ଲାଗିଲେ ମଣିଷର ଗୋଡ଼ କାଟିବାକୁ ପଡ଼ିଥାଏ କିମ୍ବା ବେଳେବେଳେ ମୃତ୍ୟୁର କାରଣ ସାଜିଥାଏ। ଆଉ ଯଦି ଏହା କୌଣସି କାରଣରୁ ଶରୀର ଭିତରକୁ ଚାଲିଯାଏ, ତେବେ ମୃତ୍ୟୁ ସୁନିଶ୍ଚିତ।

✪ ବିଷାକ୍ତ ହୋଇଥିଲେ ହେଁ ଶାର୍କ ଏବଂ ରେ' ଭଳି ବଡ଼ ମାଛ ଏହାକୁ ନିଜର ଖାଦ୍ୟ ଭାବେ ଗ୍ରହଣ କରିଥା'ନ୍ତି। ତେବେ ଆଶ୍ଚର୍ଯ୍ୟର କଥା ହେଉଛି ଏହି ମାଛକୁ



ଚାଇନା ଏବଂ ଜାପାନ ଆଦି ଦେଶରେ ଖାଦ୍ୟ ଭାବେ ଗ୍ରହଣ କରାଯାଇଥାଏ, ଯାହାକୁ ଓକୋଜ ସାସିମି ବୋଲି କୁହାଯାଇଥାଏ। ଯଦିଓ ରନ୍ଧା ହେବା ପରେ ଅର୍ଥାତ୍ ଗରମ ହେବା ଦ୍ୱାରା ଏହାର ବିଷ ନଷ୍ଟ ହୋଇଯାଇଥାଏ, ତଥାପି ଫିଲିପାଇନ୍ସରେ କେବଳ ଲାଇସେନ୍ସ ଥିବା ଜାପାନିଜ ସେଫ୍‌କୁ ରାନ୍ଧିବାକୁ ଅନୁମତି ରହିଛି।

ପିଲାଙ୍କ ଧରିତ୍ରୀ
ସମ୍ପାଦକ: ତଥାଗତ ସତପଥୀ
Printed and published by Sri Tathagata Satpathy on behalf of Navajat Printers & Media Pvt.Ltd. and printed at Navajat Printers, B-15, Rasulgarh Industrial Estate, Bhubaneswar-10, Ph. (0674) 2580101,

## ସୂଚନା

ଆଇନା ସ୍ତମ୍ଭ ଲାଗି ୩ରୁ ୧୩ ବର୍ଷ ବୟସର ପିଲା ନିଜର ୩ଟି ଫଟୋ(ହାଇ ରିଜଲ୍ୟୁଶନ୍ ଥିବା) ସହ ପୁରା ନାମ, ବୟସ, ଠିକଣା ଏବଂ ତୁମ ତୂଳୀ ସ୍ତମ୍ଭ ପାଇଁ ଚିତ୍ର, ରଙ୍ଗ ଦିଅ ସ୍ତମ୍ଭରେ ଦିଆଯାଉଥିବା ଚିତ୍ରରେ ରଙ୍ଗ କରି ନିଜ ଫଟୋ ସହ ଶ୍ରେଣୀ, ସ୍କୁଲ, ଠିକଣା ଲେଖି ପଠାନ୍ତୁ। ଏଥିସହ ଗପ, କବିତା, ବିଜ୍ଞାନ କଥା, ଶିଶୁ ପ୍ରତିଭା, ମତାମତ ନିମ୍ନରେ ପ୍ରଦତ୍ତ ଇ-ମେଲ୍‌ରେ ପଠାଇପାରିବେ।

**ଆମ ଠିକଣା**
dharitrifeature@gmail.com

# ଅଲ୍‌ରାଉଣ୍ଡର ରିଶିତା

**ବୟସ ସିନା କମ୍, ହେଲେ ବହୁ ପ୍ରତିଭାର ଅଧିକାରିଣୀ ରିଶିତା ସାମନ୍ତରାୟ। ଏଇ ବୟସରୁ ଅଶ୍ୱ ଚାଳନା ଭଳି ଦୁଃସାହସିକ କ୍ରୀଡ଼ାଠୁ ଆରମ୍ଭ କରି ବିଭିନ୍ନ କ୍ଷେତ୍ରରେ ବହୁ ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର ହାସଲ କରି ସେ ପିଲାମାନଙ୍କ ପାଇଁ ପାଲଟିଛନ୍ତି ଉଦାହରଣ...**



ଅଶ୍ୱ ଚାଳନା ଭଳି ଏକ ଦୁଃସାହସିକ ଏବଂ ଚ୍ୟାଲେଞ୍ଜିଂ କ୍ରୀଡ଼ାରେ ଜାତୀୟସ୍ତରୀୟ ପ୍ରତିଯୋଗିତାରେ ସଫଳତା ହାସଲ କରି ଓଡ଼ିଶା ପାଇଁ ନୂଆ ପ୍ରତିଭା ଭାବେ ଉଭା ହୋଇଛନ୍ତି ଭୁବନେଶ୍ୱରସ୍ଥିତ କିଟ୍ ଇଣ୍ଟରନ୍ୟାଶନାଲ୍ ସ୍କୁଲର ଷ୍ଟାଣ୍ଡାର୍ଡ-୮ର ଛାତ୍ରୀ ରିଶିତା ସାମନ୍ତରାୟ। ସେ ଭୁବନେଶ୍ୱର ଚନ୍ଦ୍ରଶେଖରପୁର ନୀଳାଦ୍ରି ବିହାରରେ ରହୁଥିବା ରୋହିଣୀ ସିଂହଦେଓ ଓ ଆର୍ମି କଲୋନେଲ ଆଶିଷ ସାମନ୍ତରାୟଙ୍କର ବଡ଼ ଝିଅ। ସେ ଯେମିତି ଭଲ ପଢ଼ନ୍ତି ସେମିତି ଚିତ୍ରାଙ୍କନଠୁ ଆରମ୍ଭ କରି କବିତା, ପ୍ରବନ୍ଧ ଲିଖନ, ନୃତ୍ୟ, ଗୀତ ଗାଇବା, ଅଭିନୟ, ବିଜ୍ଞାନ ପ୍ରକଳ୍ପ ପ୍ରସ୍ତୁତି, ମ୍ୟାଜିକ୍ ଦେଖାଇବା ପର୍ଯ୍ୟନ୍ତ ସବୁଥିରେ ବେଶ୍ ପାରଙ୍ଗମ। ଯେଉଁଥିପାଇଁ ଏଇ କୁନି ବୟସରୁ ସେ ହାସଲ କରିପାରିଛନ୍ତି ୧୩ଟି ରାଜ୍ୟ, ଜାତୀୟ ଏବଂ ଅନ୍ତର୍ଜାତୀୟ ପୁରସ୍କାର। ସେ କୁହନ୍ତି, 'ବାପା ଆର୍ମିରେ ଜଣେ ପ୍ରମୁଖ ହର୍ସ ରାଇଡର ଭାବେ ପୋଲୋ ଖେଳୁଥିବା ଏବଂ କୋଚ୍ ଭାବେ ଅନ୍ୟଙ୍କୁ ଶିଖାଉଥିବାର ଦେଖି ବେଶ୍ ପ୍ରଭାବିତ ହୋଇଥିଲି। ମୋର ଆଗ୍ରହ ଦେଖି ସେ ମୋତେ ପ୍ରୋତ୍ସାହିତ କରିବା ସହ ନାସିକ, ଜୟପୁର, ଦିଲ୍ଲୀ ଆଦି ସ୍ଥାନରେ ଆୟୋଜିତ ପ୍ରଶିକ୍ଷଣ ଶିବିରରେ ଯୋଗଦେଇ ଅଶ୍ୱ ଚାଳନା କ୍ଷେତ୍ରରେ ଦକ୍ଷତା ହାସଲ କରିବାରେ ସମ୍ପୂର୍ଣ୍ଣ ସହଯୋଗ କରିଥିଲେ।' ତେବେ ଏତେ ସବୁ ପ୍ରତିଭାର ଅଧିକାରିଣୀ ରିଶିତା ଜଣେ ମେଧାବୀ ଏବଂ ସମୟାନୁବର୍ତ୍ତୀ ଛାତ୍ରୀ ଭାବେ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକଙ୍କ ପ୍ରିୟ ପାଲଟିଛନ୍ତି। ଫାଙ୍କା ସମୟରେ କେକ୍ ତିଆରି କରିବା, ପହଁରିବାରେ ତାଙ୍କର ରୁଚି ରହିଛି। ନିଜ ସମସ୍ତ ସଫଳତାର ଶ୍ରେୟ ବାପାମାଆଙ୍କୁ ଦେଉଥିବା ରିଶିତା ଭବିଷ୍ୟତରେ ଇସ୍ରୋରେ ଜଣେ ସ୍ପେଶ୍ ସାଇଣ୍ଟିଷ୍ଟ ହେବା ସହ ଅଶ୍ୱଚାଳନା କ୍ଷେତ୍ରରେ ଜାତୀୟ ସ୍ତରରେ ଅଧିକ ରେକର୍ଡ କରିବାକୁ ଆଶା ରଖିଛନ୍ତି।

## ରିଶିତାଙ୍କ ସମ୍ପର୍କରେ ସଂକ୍ଷେପରେ...

### ହର୍ସ ରାଇଡିଂ

ଗତ ବର୍ଷ ମାର୍ଚ୍ଚରେ ଭାରତୀୟ ଅଶ୍ୱ ଚାଳନା ସଂଘ ପକ୍ଷରୁ ନୂଆଦିଲ୍ଲୀର ଆର୍ମି ପୋଲୋ ଆଣ୍ଡ ରାଇଡିଂ ସେଣ୍ଟରରେ ଅନୁଷ୍ଠିତ ପ୍ରତିଯୋଗିତାରେ ରିଶିତା ବ୍ରୋଞ୍ଜ ମେଡାଲ ହାସଲ କରିଥିଲେ, ଯାହାକି ଥିଲା ତାଙ୍କର ଜାତୀୟସ୍ତରୀୟ ପ୍ରତିଯୋଗିତାରେ ପ୍ରଥମ ସଫଳତା। ଏହା ପରେ ସେ ଦିଲ୍ଲୀ ହର୍ସ ଶୋ'ରେ ସିଲଭର ମେଡାଲ୍ ହାସଲ କରିଥିଲେ। ସେ ଶିଶୁ ବିଭାଗରେ ଅଶ୍ୱ ଚାଳନାରେ ଇକ୍ୱେଷ୍ଟ୍ରିଆନ୍ କୋର୍ସ ସମାପ୍ତ କରିଥିବା ପ୍ରଥମ ଏବଂ ଏକମାତ୍ର ଓଡ଼ିଆ। ଇଣ୍ଡିଆନ୍ ଆର୍ଟିଲେରୀ ରାଇଡିଂ ଆଣ୍ଡ ପୋଲୋ କ୍ଲବ୍ ପକ୍ଷରୁ ତାଙ୍କୁ ଏକ୍ସେଲେଣ୍ଟ ସାର୍ଟିଫିକେଟ୍ ପ୍ରାପ୍ତ ହୋଇଛି।

### କୁନି ଲେଖିକା

କବିତା, ଗଳ୍ପ ଲେଖିବାରେ ତାଙ୍କର ବିଶେଷ ରୁଚି ରହିଛି। ପ୍ରବନ୍ଧ ଲିଖନରେ ସେ ଭାରତୀୟ ଡାକ ବିଭାଗ ପକ୍ଷରୁ ଆୟୋଜିତ ପ୍ରତିଯୋଗିତାରେ ପ୍ରଥମ ପୁରସ୍କାର ସହ ଆହୁରି ଅନେକ ପ୍ରତିଯୋଗିତାରେ କୃତିତ୍ୱ ହାସଲ କରିଛନ୍ତି। ଗତ ବର୍ଷ ତାଙ୍କ ଲିଖିତ ପୁସ୍ତକ କମିକ୍ କ୍ରୁସେଡର୍ସ(Comic Crusaders) ପୂର୍ବତନ ରାଜ୍ୟପାଳ ଗଣେଶୀ ଲାଲ୍‌ଙ୍କ ଦ୍ୱାରା ଉନ୍ମୋଚିତ ହୋଇଯାଇଛି।

### ରେକର୍ଡ ହୋଲ୍ଡର

ମାତ୍ର ୧୫ ମିନିଟ୍‌ରେ ୧୭ଟି ରୁବିକ୍ସ କ୍ୟୁବ୍ ସମାଧାନ କରି ସେ ଇଣ୍ଡିଆ ବୁକ୍ ଅଫ୍ ରେକର୍ଡ୍ସ ଏବଂ ଏସିଆ ବୁକ୍ ଅଫ୍ ରେକର୍ଡ୍ସରେ ଗ୍ରାଣ୍ଡମାଷ୍ଟର ଭାବେ ନିଜ ନାମକୁ ସାମିଲ୍ କରିବାରେ ସଫଳ ହୋଇପାରିଛନ୍ତି।

### ବିଜ୍ଞାନ ପ୍ରତି ଆଗ୍ରହ

ସବୁବେଳେ ନୂଆ ନୂଆ କଥା ବିଶେଷ କରି ବିଜ୍ଞାନ ସମ୍ବନ୍ଧରେ ଜ୍ଞାନ ଆହରଣ କରିବାରେ ତାଙ୍କର ଖୁବ୍ ଆଗ୍ରହ ରହିଛି। ସେ ଅନେକ ସାଇନ୍ସ ପ୍ରୋଜେକ୍ଟ କରି ପୁରସ୍କୃତ ହୋଇଛନ୍ତି। ଯେଉଁଥିପାଇଁ ଇସ୍ରୋ ପ୍ରୋଜେକ୍ଟ ମେକିଂ କମ୍ପିଟିସନ୍‌ରେ ମେରିଟ୍ ଲିଷ୍ଟରେ ନିଜ ନାମକୁ ସାମିଲ୍ କରିପାରିଛନ୍ତି। ସେ ଏକ ରୋବଟ୍ ନିର୍ମାଣ କରି ଏହାର ନାମ ରିଶି-ରୋବୋ ରଖିଛନ୍ତି ; ଯାହାର ବିଶେଷତ୍ୱ ହେଲା ଏହା ଶୁଖିଲା ବର୍ଜ୍ୟବସ୍ତୁ ପକାଇବା ପାଇଁ ଏକ ଡଷ୍ଟବିନ୍, ଯେଉଁଥିରେ ରହିଛି ହ୍ୟାଣ୍ଡ ସାନିଟାଇଜର୍। ଯାହାକୁ ବ୍ୟବହାର କରିବା ପରେ ଏକ ମାସ୍କ ମିଳିବାର ବ୍ୟବସ୍ଥା ରହିଛି। ତାଙ୍କର ଏହି ସୁନ୍ଦର ପ୍ରୟାସ ପାଇଁ ସେ ଉଚ୍ଚ ପ୍ରଶଂସିତ ହୋଇଛନ୍ତି। ଗର୍ଭବତୀ ମହିଳାଙ୍କ ସୁରକ୍ଷିତ ବସ୍ ଯାତ୍ରାକୁ ନେଇ ଏକ ପ୍ରୋଜେକ୍ଟ ପ୍ରସ୍ତୁତ କରି ସେ ରାଜ୍ୟ ସରକାରଙ୍କ ଦ୍ୱାରା ପୁରସ୍କୃତ ହୋଇଛନ୍ତି। ସେହିପରି ନ୍ୟାଶନାଲ୍ ସାଇନ୍ସ ଅଲିମ୍ପିଆଡ୍‌ରେ ଗୋଲ୍ଡ ମେଡାଲ୍ ହାସଲ କରିଛନ୍ତି।

### ଚିତ୍ରାଙ୍କନରେ ରୁଚି

ସେ ଖୁବ୍ ସୁନ୍ଦର ଚିତ୍ରାଙ୍କନ ଆଙ୍କନ୍ତି। ୨୦୨୩ରେ ସାଇବର ସୁରକ୍ଷା ଥିମ୍‌ରେ କମିଶନରେଟ୍ ପୋଲିସ ଦ୍ୱାରା ଆୟୋଜିତ ରାଜ୍ୟ ସ୍ତରୀୟ ପେଣ୍ଟିଂ ଏବଂ ସ୍ଲୋଗାନ ପ୍ରତିଯୋଗିତାରେ ସେ ପ୍ରଥମ ପୁରସ୍କାର ହାସଲ କରିଥିଲେ। ସେହିପରି ଅନେକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରି ସେ ପୁରସ୍କୃତ ହୋଇଛନ୍ତି।



### କୁନି ମ୍ୟାଜିସିଆନ୍

ବିଭିନ୍ନ ପ୍ରକାର ହାତ ସଫେଇ ଓ ମ୍ୟାଜିକ୍ ଟ୍ରିକ୍ ଦେଖାଇ ଦର୍ଶକଙ୍କୁ ଆଶ୍ଚର୍ଯ୍ୟ କରାଇବାର କଳା ବି ତାଙ୍କୁ ଜଣା। ଯେଉଁଥିପାଇଁ ନିକଟରେ ପଥ ଉତ୍ସବରେ ତାଙ୍କୁ ଜୁନିଅର ମ୍ୟାଜିସିଆନ୍ ଭାବେ ପୁରସ୍କୃତ କରାଯାଇଛି।

### ସମାଜ ସେବାରେ ବ୍ରତୀ

ନିଜ ଅଭିଭାବକଙ୍କଠାରୁ ମିଳୁଥିବା ପକେଟ ମନି ହେଉ ଅବା ପରିବାରର ଅନ୍ୟ ସଦସ୍ୟଙ୍କଠାରୁ ଖୁସିରେ ମିଳିଥିବା ଟଙ୍କାକୁ ସଞ୍ଚୟ କରି ସେ ଏହି ଅଳ୍ପ ବୟସରେ ଦୃଷ୍ଟିବାଧିତ ପିଲାଙ୍କୁ ଦାନ କରିଛନ୍ତି। ନିଜକୁ ସମାଜ ସେବାରେ ନିୟୋଜିତ କରି ବିଭିନ୍ନ ସଚେତନତା ଅଭିଯାନରେ ସାମିଲ ହେବା ସହ ଅସହାୟଙ୍କୁ ସହଯୋଗର ହାତ ବଢ଼ାଇ ଅନ୍ୟ ପିଲାମାନଙ୍କ ପାଇଁ ସେ ଉଦାହରଣ ସୃଷ୍ଟି କରିଛନ୍ତି। ଯେଉଁଥିପାଇଁ ତାଙ୍କୁ ୩୪ତମ ଶିଶୁମେଳା ଅବସରରେ ପିପୁଲ୍ସ କଲଚରାଲ୍ ସେଣ୍ଟର(ପିକକ୍) ପକ୍ଷରୁ ପ୍ରାଣନାଥ ପଟ୍ଟନାୟକ ସ୍ମାରକୀ ସମ୍ମାନ ୨୦୨୩ରେ ସମ୍ମାନିତ କରାଯାଇଛି।

– ପୌର୍ଣ୍ଣମାସୀ



୧
ଅଗ୍ନିଜିତା ମିଶ୍ର
କ୍ଲାସ-୬, ପିଏମ୍ ଶ୍ରୀ କେନ୍ଦ୍ରୀୟ ବିଦ୍ୟାଳୟ, ନୟାଗଡ଼



୨
ଓମ୍ ପ୍ରକାଶ ବାରିକ
କ୍ଲାସ- ୯, ବସନ୍ତପୁର ଇଂଲିଶ ମିଡିୟମ୍ ସ୍କୁଲ, ମୁର୍ସିଦାବାଦ, କୋଲକାତା



୩
ପ୍ରୀତିପୁଷ୍ପା ଦାଶ
କ୍ଲାସ-୪, ଜାଭେରିଆନ୍ ହାଇସ୍କୁଲ, ଆଦିମାତା କଲୋନୀ, ଗାଡକଣ, ଭୁବନେଶ୍ୱର



୪
ଇଶାନୀ ସାଇ ଶର୍ମା
କ୍ଲାସ-୪, ନିଉ ଡି ପଲ୍ ସ୍କୁଲ, ଆମ୍ବପୁଆ, ବ୍ରହ୍ମପୁର



୫
ଦେବାଂଶୀ ଦାଶ
କ୍ଲାସ-୧, ସେଣ୍ଟ ଜୋଶେଫ କନଭେଣ୍ଟ ସ୍କୁଲ, ସମ୍ବଲପୁର



୬
ଲକ୍ଷ୍ମୀପ୍ରିୟା ପ୍ରଧାନ
କ୍ଲାସ-୫, ନିମେଇଁପୁର ପ୍ରାଥମିକ ବିଦ୍ୟାଳୟ, ଭୁବନ, ଢେଙ୍କାନାଳ



୭
ମାହିକା ଏମ୍ ଭରଦ୍ୱାଜ
କ୍ଲାସ- ୨, ଓଡିଏମ୍ ପବ୍ଲିକ ସ୍କୁଲ, ଭୁବନେଶ୍ୱର



୮
ସାଦ୍ୟାନ୍ତ ଶତପଥୀ
କ୍ଲାସ-୫, ମଦର୍ସ ପବ୍ଲିକ ସ୍କୁଲ, ପୁରୀ



୧



୨




୩



୪



୬



୫



୭



୮



# କବିତା

## ଗାଁରେ ବସନ୍ତ

ଶୀତ କମିଲା ବସନ୍ତ ଆସିଲା
ଫୁଟିଲା କେତେ ଫୁଲ
ବହେ ମଳୟ ଆମ୍ବ ବଉଳ
ଲାଗଇ ଭାରି ଭଲ ।
କୋଇଲି ଗାଏ ମଧୁର ଗୀତ
ବଉଳ ଡାଳେ ବସି
ଦୋଳି ଖେଳଇ କୁନି ମାଙ୍କଡ଼
ଡାଳରୁ ଡାଳ ଖସି ।
ଆସଇ ମାଡ଼ି ଉଷୁମ ଖରା
ବଢ଼ଇ ଭାଇ ତାତି
ଆକାଶେ ଉଏଁ ଜହ୍ନମାମୁ
ସୁନ୍ଦର ଦିଶେ ରାତି ।
ନଦୀର ଜଳ ଭାରି ଶୀତଳ
ଗାଉଥାଏ ସେ ଗୀତ
ମନକୁ ଆମ ଚୋରେଇ ନିଏ
ସେ ପରା ଆମ ମିତ ।
ଗାଁ ସକାଳ ଭାରି ସୁନ୍ଦର
ବୁଲିବା ଆସ ଥରେ
ଗାଇବା ମିଶି ଗୀତ ସଙ୍ଗୀତ
ଗାଉଁଲି ବସନ୍ତରେ ।

**– ଜିତୁ ପ୍ରଧାନ**
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର
ମୋ: ୭୬୮୧୦୪୪୮୬୪

## ଶୀତ ଛାଡ଼ିବାର ଗୀତ

ଶୀତ ଆସିଲାଣି ଛାଡ଼ିଛାଡ଼ି
ଖରା ଆସିଲାଣି ମାଡ଼ିମାଡ଼ି
ସକାଳ କୁହୁଡ଼ି ବହଳିଆ ଅଛି
ଗାଡ଼ି ଚାଲୁଅଛି ଧାଡ଼ିଧାଡ଼ି ।
ସକାଳ ସୂରୁଜ ଉପରକୁ ଉଠେ
କୁହୁଡ଼ି ଯାଉଛି ହଟିହଟି
କ୍ଷେତରେ ନାନାଦି ଫସଲ ଫଳିଛି
ପାଚିଲା ବିଲାତି ପୁଟୁପୁଟୁ ।
ମନ୍ଦାର ନାଲିଆ ଟହଟହ
ମନ୍ଦିରେ ଭକତ ଗହଗହ
ଶୀତ କମିଲାଣି ଭ୍ରମଣରେ ଯିବା
କେଉଁଆଡ଼େ ଯିବା କହକହ ?

**– ନିରଞ୍ଜନ ସାହୁ**
ନିହଲ ପ୍ରସାଦ,
ଗଁଦିଆ ପାଟଣା, ଢେଙ୍କାନାଳ
ମୋ: ୯୯୩୮୭୪୧୫୮୩

## କଜଳପାତି

ଚିକିମିକିଆ ଚିକଣ କଳା
କଳା ବଉଦ ରଙ୍ଗ
କନକନିଆ ଆଖିଟି ତା'ର
ଦୁଆଇ ଚଙ୍ଗ ଚଙ୍ଗ ।
ଯେଉଁଠି ବସେ ନଜର ତା'ର
ଚାରିଆଡ଼କୁ ଥାଏ,
ଝିଣ୍ଟିକା,ପୋକ ଯେଉଁଠି ଦେଖେ
ସିଆଡ଼େ ସିଏ ଧାଏଁ ।
ନାଆଁଟି ତା'ର କଜଳପାତି
ଦେହ କଜଳ କଳା,
ଖାପସା ନାଲି ଆଖିଟି ତା'ର
ଅଣ୍ଡରେ ଟିକେ ଧଳା ।
ଭାରି ଚତୁର ଭାରି ସାହସୀ
ନାହିଁ ତା' ଡର ଭୟ ,
ଲାଞ୍ଜଟି ତା'ର ଯେଉଁଠି ବସେ
ହୁଏନି କେବେ ଥୟ ।
ପକ୍ଷୀ ଭିତରେ ଜାଣନ୍ତି ତାକୁ
ସ୍ୱଭାବ ତାର ରାଗି,
ଅଳସ ପଣ ନାହିଁ ତାହାର
ସଦା ଥାଏ ସେ ଜାଗି ।

**– ତପନ କୁମାର ସ୍ୱାଇଁ**
ମହାନଦୀ ବିହାର,କଟକ
ମୋ: ୯୦୪୦୦୩୩୩୯୦

## କାହାରି ଗୁଣକୁ କଷନା

ସଇନିକ କାମ ଦେଶରକ୍ଷା ପାଇଁ ଲଢ଼ିବା
କାରିଗର କାମ ସୁନ୍ଦର ସଉଧ ଗଢ଼ିବା
ରାଗ, ହିଂସା, ଲୋଭ, ସ୍ୱାର୍ଥ, ଈର୍ଷାଭାବ
ସବୁଦିନ ପାଇଁ ତଡ଼ିବା ।
ପାଣିର ଧରମ ତଳକୁ ତଳକୁ ବହିବା
ମାଟି ମାଆ ପରି ସବୁ ଯାତନାକୁ ସହିବା
ଆସୁ ପଛେ ବାଧା ଯାହା ଅସୁବିଧା
ସତ, ଶାନ୍ତି କଥା କହିବା ।
ଗଛଦିଏ ଛାଇ, ଫଳ ଫୁଲ କାଠ ପତର
ଗୁଣ ଥିଲେ ସାରା ରାଇଜ ବାସିବ
ଥିଲେ ନିରିମଳ ଭିତର ।
ନିଜେ ଭଲ ହୋଇ ନିଜକୁ ଚିହ୍ନିବା
କାହାରି ଗୁଣକୁ କଷନା ।
ମଣିଷ କାହିଁକି ତିଆରି କରଇ ଖୁଣରେ
ବାପା ମାଆ ପାଦେ ଭକତି ରଖିଲେ
ଜଗତ ଜିଣିବା ଜାଣରେ ।

**– ଅନନ୍ତ କୁମାର ସେନାପତି**
ରାଜଗାଙ୍ଗପୁର, ସୁନ୍ଦରଗଡ଼
ମୋ: ୭୦୦୮୩୦୪୨୨୫

## ଗିନିଜ୍ ୱାର୍ଲ୍ଡ ରେକର୍ଡ୍ସ

### ସବୁଠୁ ଅଧିକ ହୀରା

ଗୋଟିଏ ହୀରାଖଚିତ ମୁଦିରେ କେତୋଟି ହୀରା ଲାଗିପାରିବ! ଅତିବେଶିରେ ୫ କି ୧୦ ଅବା ୫୦ଟି ହୀରାକୁ ହୁଏତ ଡିଜାଇନ୍ କରିହେବ ବୋଲି ଆମେ ଭାବିପାରିବା । ମାତ୍ର ସମସ୍ତ ଭାବନାକୁ ଭୁଲ୍ ପ୍ରମାଣିତ କରିପାରିଛି ଭାରତର ଏକ ଜୁଏଲେରି କମ୍ପାନୀ ଏଚ୍.କେ. ଡିଜାଇନ୍ସ ଆଣ୍ଡ ହରିକ୍ରିଷ୍ଣ ଏକ୍ସପୋର୍ଟସ । ଏହି କମ୍ପାନୀ ଏମିତି ଏକ ହୀରାମୁଦି ଡିଜାଇନ୍ କରିଛି ଯେଉଁଥିରେ ରହିଛି ମୋଟ ୫୦,୯୦୭ଟି ହୀରା । ସବୁଠୁ ଅଧିକ ହୀରା ଲାଗିଥିବାରୁ ଏବେ ଏହି ମୁଦିଟି ଗିନିଜ୍ ରେକର୍ଡରେ ସ୍ଥାନ ପାଇଛି । ମୁଦିଟିର ଦାମ୍ ରହିଛି ୬,୪୨,୨୩,୦୬୧,୧୯ ଟଙ୍କା । ମୁଦିଟିକୁ ତିଆରି କରିବା ପାଇଁ କମ୍ପାନୀକୁ ପ୍ରାୟ ୯ ମାସ ସମୟ ଲାଗିଥିଲା । ଏହା ପୂର୍ବରୁ ଭାରତର ଏସ୍‌ଡବ୍ଲ୍ୟୁଏ କମ୍ପାନୀ ୨୪,୬୭୯ଟି ହୀରା ବ୍ୟବହାର କରି ଏକ ମୁଦି ତିଆରି କରି ଏଭଳି ରେକର୍ଡର ଅଧିକାରୀ ହୋଇପାରିଥିଲା । ତେବେ ଗିନିଜ୍ ରେକର୍ଡରେ ସ୍ଥାନ ପାଇଥିବା ନୂଆ ମୁଦିଟି ସୂର୍ଯ୍ୟମୁଖୀ ଫୁଲ ଉପରେ ପ୍ରଜାପତି ବସିଥିବାର ଏକ ଡିଜାଇନ୍‌ରେ କରାଯାଇଛି, ଯାହା ଅତ୍ୟନ୍ତ ସୁନ୍ଦର ଦେଖାଯିବା ସହିତ ଆକର୍ଷଣୀୟ ହୋଇପାରିଛି ।



## ଏଥରର

- ଜଙ୍ଗଲର ରାଜା କାହାକୁ କହନ୍ତି ?
- ଆମ ଦେଶର ଜାତୀୟ ପକ୍ଷୀ କାହାକୁ କହନ୍ତି ?
- କେଉଁ ଫୁଲ ଆମ ଦେଶର ଜାତୀୟ ଫୁଲର ମାନ୍ୟତା ପାଇଛି ?
- ଭାରତର ପ୍ରଥମ ନାଗରିକ କିଏ ?
- ମଣିଷ ଶରୀରରେ ମୋଟ କେତେଖଣ୍ଡ ହାଡ ଅଛି ?




## ଗତଥରର

- ୧୦୦ ଡିଗ୍ରୀ ସେଲ୍‌ସିୟସ
- ୨୯ ଦିନ
- ସାଇଟ୍ରିକ୍ ଏସିଡ୍
- ନୀଳ ନଦୀ
- ବିଷ୍ଣୁ ଶର୍ମା



## କହିଲ ଦେଖି

ଶୀତଋତୁ ପରେ ଆସଇ ମୁହିଁ
ମନଲୋଭା ପୁଷ୍ପେ ସଜେଇ ହୋଇ
ଗଛରେ ଜନମେ ନୂଆ ପତର
କାନକୁ ଶୁଭଇ କୋଇଲି ସ୍ୱର
ଆମ୍ବ ବଉଳର ବାସ ଛୁଟଇ
ଋତୁରାଜ ବୋଲି କୁହନ୍ତି କେହି
ଏବେ କହିଦିଅ ନାମଟି ମୋର
ମୋ ପରଶେ ଧରା ଦିଶେ ସୁନ୍ଦର ।

ଉତ୍ତର– **ବସନ୍ତ ଋତୁ**



ବସନ୍ତ ଆସିଲେ ସରାଗେ ମୁହିଁ
ଦକ୍ଷିଣ ଦିଗରୁ ଧୀରେ ବହଇ
ମୋ ପରଶେ ଜନେ ହୁଅନ୍ତି ଖୁସି
ଖରାର ପ୍ରକୋପ ଲାଗେନି ବେଶି
ପବନ ରୂପେ ମୁଁ ଦେହକୁ ହିତ
କହି ପାରିବକି ମୋ ନାମ ମିତ ।

ଉତ୍ତର–**ମଳୟ ପବନ**



ଶୀତ କମିଗଲେ ଏହି ଜଗତେ
ସିଏ ଏକ ଫୁଲ ଗଛରେ ଫୁଟେ
ସେ ଫୁଲର ବାସ ଭାରି ମଧୁର
କୁହୁଡ଼ି ଅଟଇ ବଇରି ତା'ର
ସେ ଫୁଲରୁ ଜନ୍ମେ ଫଳର ରାଜା
ଖାଇଲେ ତାହାକୁ ଲାଗଇ ମଜା
ସେଇ ଗଛ ଡାଳେ କୋଇଲି ବସେ
କୁହୁ କୁହୁ ଗୀତ ଗାଏ ହରଷେ
ସେ ଫୁଲର ନାମ ଯିଏ କହିବ
ସୁନାପିଲାରେ ସେ ଗଣା ହୋଇବ ।



ଉତ୍ତର–**ଆମ୍ବ ବଉଳ**

**– ରାମଚନ୍ଦ୍ର ବେହେରା**
ତେନ୍ତୁଳିପଦା, ଜଗତ୍‌ସିଂହପୁର
ମୋ: ୭୩୫୫୬୩୪୩୪୬

# ଆଲୋକ ବର୍ଷ

ଆଲୋକ ଗୋଟିଏ ବର୍ଷରେ ଯେତେ ଦୂର ଗତି କରିପାରେ, ତାହାକୁ ଏକ ଆଲୋକ ବର୍ଷ ବା 'ଲାଇଟ୍ ଇୟର' କୁହାଯାଏ। ଆଲୋକ ଏକ ସେକେଣ୍ଡରେ ତିନି ଲକ୍ଷ କିମି ଗତି କରେ। ଏଣୁ ଗୋଟିଏ ବର୍ଷରେ ଏହା ୩୬୫x୨୪x୬୦x୬୦x୩୦୦୦୦୦ = ୯.୪x୧୦ ଟୁ ଦ ପାୱାର ୧୨ କିମି (ନଅ ଲକ୍ଷ ଚାଳିଶ ହଜାର କୋଟି କିମି) ଦୂର ଗତି କରିବ। ଏହା ହିଁ ହେଉଛି ଏକ ଆଲୋକ ବର୍ଷ। ଆମ ଠାରୁ ୪୦ଲକ୍ଷ କୋଟି କିମି ଦୂରରେ ଥିବା ପ୍ରକ୍ସିମା ସେଣ୍ଟାଉରିରୁ ପୃଥିବୀପୃଷ୍ଠକୁ ଆଲୋକ ଆସିବାକୁ ୪.୩୩ ବର୍ଷ ଲାଗେ। ଏଣୁ ପୃଥିବୀଠାରୁ ଏହାର ଦୂରତା ହେଉଛି ୪.୩୩ ଆଲୋକବର୍ଷ। ସେହିପରି ଆକାଶର ଉଜ୍ଜ୍ୱଳତମ ନକ୍ଷତ୍ର ଲୁବ୍‌ଧକର ଦୂରତା ୮ ଆଲୋକ ବର୍ଷ, ବାଣରାଜାର ଦୂରତା ୪୪୫ ଆଲୋକବର୍ଷ ଏବଂ ଧ୍ରୁବତାରାର ଦୂରତା ୧୦୫୫ ଆଲୋକବର୍ଷ। ସୂର୍ଯ୍ୟଠାରୁ ପୃଥିବୀପୃଷ୍ଠକୁ ଆଲୋକ ଆସିବାକୁ ୮ ମିନିଟ୍ ସମୟ ଲାଗିଥାଏ। ଏଣୁ ଏଡି ଏକକରେ କୁହାଯାଇପାରେ ଯେ, ଆମଠାରୁ ସୂର୍ଯ୍ୟର ଦୂରତା ହେଉଛି ୮ ଆଲୋକ ମିନିଟ୍। ଜ୍ୟୋତିର୍ବିଦୀୟ ଦୂରତାକୁ ପ୍ରକାଶ କରିବାରେ ଆଲୋକ ବର୍ଷ ସୁବିଧା ହୋଇଥାଏ।

# ରେଡିଓ ଦୂରବୀକ୍ଷଣ ଯନ୍ତ୍ର



ମହାକାଶରେ ଦୂର ନକ୍ଷତ୍ର ଓ ଗାଲାକ୍ସିରୁ ରେଡିଓ ତରଙ୍ଗ ଆସିଥାଏ। ସେଗୁଡିକୁ ତନ୍ନ ତନ୍ନ କରି ଅନୁଧ୍ୟାନ ମଧ୍ୟ କରାଯାଇଥାଏ। ଫଳରେ ସେଥିରୁ ଅନେକ ପ୍ରକାର ରୋଚକ ତଥ୍ୟ ମିଳେ। ଏଥିପାଇଁ ଦୂରବୀକ୍ଷଣ ଯନ୍ତ୍ରର ବ୍ୟବହାର କରାଯାଇଥାଏ। ଏହାର ଦୁଇଟି ପ୍ରମୁଖ ଅଂଶ ରହିଛି। ସେଗୁଡିକ ହେଲା- ଆଣ୍ଟିନା ଏବଂ ରେଡିଓ ସଂଗ୍ରାହକ। ସାଧାରଣତଃ ମହାକାଶରୁ ଆସୁଥିବା ତରଙ୍ଗଗୁଡିକ ବହୁତ ଦୁର୍ବଳ ଥାଏ। ତେଣୁ ଏହାକୁ ଚିହ୍ନଟ କରିବା ସହଜ ହୋଇ ନ ଥାଏ। ଫଳରେ ଏଥିଲାଗି ବଡ଼ ବଡ଼ ଆଣ୍ଟିନା ବ୍ୟବହାର କରାଯାଏ। ଏଥିପାଇଁ ସାଧାରଣତଃ 'ପାରାବୋଲୀୟ ଆଣ୍ଟିନା' ବ୍ୟବହାର ହୁଏ। ଆମ ଦେଶରେ ପୁଣେ ନିକଟରେ ନାରାୟଣଗାଁଓଠାରେ ଗୋଟିଏ ରେଡିଓ ଦୂରବୀକ୍ଷଣ ଯନ୍ତ୍ର ସ୍ଥାପିତ ହୋଇଛି। ଏହାର ନାମ ହେଉଛି 'ଜିଆଣ୍ଟ ମିଟରୱେଭ ରେଡିଓ ଟେଲିସ୍କୋପ୍'।

– ଇଂ. ମାୟାଧର ସ୍ୱାଇଁ, ୭୦, ଲକ୍ଷ୍ମୀ ବିହାର, ଫେଜ୍-୧, ଭୁବନେଶ୍ୱର



# ଗ୍ରୀନ୍‌ଲାଣ୍ଡ ନାମକରଣ...



ପୃଥିବୀରେ ଅନେକ ଦେଶ ରହିଛି। ଏପରି କି କେତେକ ଦେଶର ନାମକରଣ ପଛରେ ଅଛି ରୋଚକ କଥା। ଠିକ୍ ସେହିପରି ଏକ ଦେଶ ହେଉଛି ଗ୍ରୀନ୍‌ଲ୍ୟାଣ୍ଡ। ବର୍ଷତମାମ ଏହା ବରଫ ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ। ତେଣୁ ଏହାକୁ ବରଫର ଦେଶ ବୋଲି ମଧ୍ୟ କୁହାଯାଏ। କିନ୍ତୁ ଯଦି ଆମେ ଏହାର ଇତିହାସକୁ ପର୍ଯ୍ୟାଲୋଚନା କରିବା ତେବେ ଉକ୍ତ ଦେଶ ବିଷୟରେ ଅନେକ କୌତୁହଳପୂର୍ଣ୍ଣ କଥା ଜାଣିପାରିବା। କେତେକ ବୈଜ୍ଞାନିକଙ୍କ ମତରେ ପ୍ରାୟ ୨୫ ଲକ୍ଷ ବର୍ଷ ପୂର୍ବେ ଏହି ଦେଶ ସବୁଜିମାରେ ଭରପୁର ଥିଲା। ତେଣୁ ଏହାକୁ 'ଗ୍ରୀନ୍‌ଲ୍ୟାଣ୍ଡ' ନାମରେ ନାମିତ କରାଯାଇଥିଲା। କିନ୍ତୁ ପ୍ରକୃତି ନିୟମ ନିକଟରେ ତାହା ବଦଳି ଗଲା। ଧୀରେ ଧୀରେ ପ୍ରବଳ ଥଣ୍ଡା ଯୋଗୁଁ ବରଫପାତ ଆରମ୍ଭ ହେଲା। ସମୟକ୍ରମେ ଏହି ଦେଶର ରୂପ ସବୁଜରୁ ବରଫ ରଙ୍ଗ ଅର୍ଥାତ୍ ଧଳାରେ ପରିଣତ ହେଲା। ବରଫପାତ ଏତେ ପ୍ରବଳ ହେଲା ଯେ ସମଗ୍ର ଦେଶରେ ଯୁଆଡେ ଚାହିଁବ ଚାରିଆଡେ କେବଳ ବରଫ ହିଁ ବରଫ। ସତେଯେମିତି ଗ୍ରୀନଲ୍ୟାଣ୍ଡକୁ ଏକ ବରଫର ଚାଦର ଢ଼ାଙ୍କି ରଖିଛି। ହେଲେ ଏବେ ଜଳବାୟୁରେ ପରିବର୍ତ୍ତନ ଦେଖିବାକୁ ମିଳୁଛି। ଏହି ଦେଶରେ ମେ' ୧୫ରୁ ଜୁଲାଇ ୨୫ ପର୍ଯ୍ୟନ୍ତ ଦିନରାତି ସୂର୍ଯ୍ୟ ଦେଖିବାକୁ ମିଳନ୍ତି। ତେଣୁ ଏବେ ବରଫଗୁଡିକ ତରଳିବା ଆରମ୍ଭ କଲାଣି। ତେଣୁ ଏହି ମାସଗୁଡିକରେ ଦିନରାତି ସୂର୍ଯ୍ୟ ଦେଖିବାକୁ ମିଳିନ୍ତି, ସେହି ସମୟରେ ଏଭଳି ମନୋରମ ଦୃଶ୍ୟ ଦେଖିବାକୁ ପର୍ଯ୍ୟଟକମାନଙ୍କର ସମାଗମ ହୋଇଥାଏ।

# ଦୁଇ ମହାସାଗରର ମିଳନ

ଆପଣ ଆଗରୁ ନଦୀ ସବୁ ମିଶିଥିବାର ଶୁଣିଥିବେ ଏବଂ ଦେଖିଥିବେ। କିନ୍ତୁ ଏଠାରେ ମହାସାଗରର ମିଳନ ବିଷୟରେ ସୂଚନା ଦେଉଛୁ। ଥରେ ଭାବନ୍ତୁ ନା, ଏହି ଦୃଶ୍ୟ ସତେ କେତେ ମନୋରମ ତଥା ଆକର୍ଷଣୀୟ ହୋଇଥିବ। ଆଲାସ୍କା ନିକଟରେ ଏକ ଏପରି ସ୍ଥାନ ରହିଛି ଯେଉଁଠାରେ ଦୁଇଟି ସମୁଦ୍ରର ମିଳନ ଘଟିଛି। ଦୁଇଟି ଭିନ୍ନ ଭିନ୍ନ ରଙ୍ଗର ପାଣି ଏକାଠି ହେଲେ ତାହା ଦେଖିବାକୁ ବେଶ୍ ସୁନ୍ଦର ଲାଗିଥାଏ। ଆଉ ଏହି ସ୍ଥାନ ସମଗ୍ର ବିଶ୍ୱରେ ସେଥିଲାଗି ପ୍ରସିଦ୍ଧ। ପିଲାଏ, ତୁମେମାନେ ତ ଜାଣ, ବିଶ୍ୱରେ ୭୦ପ୍ରତିଶତ ଜଳ ଥିବାବେଳେ ଆଉ ୩୦ପ୍ରତିଶତ ସ୍ଥଳ ରହିଛି। ଏହି ଦୁଇ ସମୁଦ୍ର ମିଶିଥିଲେ ସୁଦ୍ଧା ଏମାନଙ୍କର ରଙ୍ଗ ଅଲଗା ଅଲଗା ହୋଇଥାଏ। ଏଥିରୁ ଗୋଟିଏ ମହାସାଗରରେ ହୀମବାହରୁ ଝରି ଆସୁଥିବା ପାଣି ହାଲ୍‌କା ନୀଳ ରଙ୍ଗ ହୋଇଥିବା ବେଳେ ଅନ୍ୟ ମହାସାଗରର ପାଣି ନଦୀରୁ ଆସିଥାଏ ଯାହାକି ଗାଢ଼ ନୀଳ ରଙ୍ଗର ଦେଖାଯାଏ। କେତେକେ ଏହାକୁ ଈଶ୍ୱରଙ୍କର ବରଦାନ ମଧ୍ୟ କୁହନ୍ତି। ବୈଜ୍ଞାନିକଙ୍କ ମତରେ ଯେଉଁଠି ଦୁଇ ମହାସାଗର ମିଶନ୍ତି ସେଠାରେ ଫେଣ ସଦୃଶ ଏକ ପାଚେରୀ ଦେଖିବାକୁ ମିଳେ। ଅଲଗା ଅଲଗା ଘନତ୍ୱର ପାଣି ଯେତେବେଳେ ସୂର୍ଯ୍ୟଙ୍କ କିରଣ ସଂସ୍ପର୍ଶରେ ଆସେ ସେତେବେଳେ ଏହାର ରଙ୍ଗ ବଦଳିଯାଇଥାଏ।





# ଆ ଇ ନା



## ସାଇ ତ୍ରିଷ୍ଟା ସାହାଣୀ

୯ ବର୍ଷ / ଭୁବନେଶ୍ୱର

## ସ୍ନେହାଶ୍ରୀ ମହାରଣା

୯ ବର୍ଷ / ପାରାଦ୍ୱୀପ

